১ ଡ଼ିସେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ଯୁଦ୍ଧର ଉତ୍କଟ ପରିସ୍ଥିତିରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ସୁନ୍ଦର ଆଚରଣ ଏବଂ ଫିଲିସ୍ତିନ୍‌ର ନିରୀହ ଲୋକମାନଙ୍କ ସକାଶେ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର ଅ.ବ କହିଲେ; ଆଜି ମୁଁ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅଙ୍କର ରଣକ୍ଷେତ୍ରରେ ପ୍ରଦର୍ଶିତ ସୁନ୍ଦର ଆଚରଣ ପ୍ରସଙ୍ଗରେ କିଛି ବର୍ଣ୍ଣନା କରିବି । ଯୁଦ୍ଧର ଉତ୍କଟ ପରିସ୍ଥିତିରେ ନବୀଶିରୋମଣୀ ହଜରତ ମୁହମ୍ମଦ ସ.ଅଙ୍କର କିଭଳି ବ୍ୟବହାର ରହିଥିଲା ତାହା ଆମ ସମ୍ମୁଖରେ ରହିଛି । ବଦର ଯୁଦ୍ଧ ପ୍ରସଙ୍ଗରେ ଆମେ ଦେଖି ସାରିଛେ ଯେ, ଉକ୍ତ ଯୁଦ୍ଧରେ କଏଦ ହୋଇ ଆସିଥିବା ଅମାନ୍ୟକାରୀଙ୍କୁ ଆପଣ ସ.ଅ କିଭଳି ନମ୍ର ଆଚରଣ କରି ସୁବିଧା ସୁଯୋଗ ଉପଲବ୍ଧ କରାଉ ଥିଲେ । କଏଦୀମାନେ ସ୍ୱୟଂ ସାକ୍ଷ୍ୟ ଦେଇଛନ୍ତି ଯେ, ହଜୁର ସ.ଅଙ୍କ ଆଦେଶକ୍ରମେ ସାହାବା ନିଜ ଆହର ଠାରୁ ଉତ୍କୃଷ୍ଟତର (ଖାଦ୍ୟଦ୍ରବ୍ୟ) ଆମକୁ ପ୍ରଦାନ କରୁଥିଲେ । ପୁନଶ୍ଚ ଅତି ସହଜ ସରଳ ସର୍ତ୍ତ ରଖି ଆପଣ ସେହି କଏଦୀମାନଙ୍କୁ ମୁକ୍ତ ମଧ୍ୟ କରି ଦେଉଥିଲେ । ଯେପରିକି କେତେକଙ୍କର ଫିଦ୍‌ୟା (କ୍ଷତିପୂରଣ)ର ସର୍ତ୍ତ କେବଳ ଏହା ଧାର୍ଯ୍ୟ ଥିଲା ଯେ, ଯେଉଁମାନେ ଶିକ୍ଷିତ ସେମାନେ ଅଶିକ୍ଷିତ ମୁସଲମାନମାନଙ୍କୁ ଲେଖାପଢ଼ା ଶିଖାଇ କାରାମୁକ୍ତ ହୋଇଯାନ୍ତୁ ।

**ଏସବୁ ଏଥି ସକାଶେ ଥିଲା କି ଆପଣ ସ.ଅଙ୍କର କାହା ସହିତ ବ୍ୟକ୍ତିଗତ ଶତ୍ରୁତା ନଥିଲା ବରଂ ଅଲ୍ଲାଃତାଲାଙ୍କ ଧର୍ମର ବିନାଶକାରୀଙ୍କ ବିରୁଦ୍ଧରେ (ଏପରି ପଦକ୍ଷେପ) ଥିଲା ।** କେତେକ ଲୋକ ନିଜ ବିବଶତା ଯୋଗୁଁ ଶତ୍ରୁ ପକ୍ଷରେ ସାମିଲ ଥିଲେ, କିନ୍ତୁ ବାସ୍ତବ ପକ୍ଷେ ସେମାନେ ମୁସଲମାନମାନଙ୍କ ସହିତ ଲଢ଼ିବାକୁ ଚାହୁଁ ନଥିଲେ । ଏପରି ଲୋକେ ଯେତେବେଳେ ମୁସଲମାନମାନଙ୍କ ଦ୍ୱାରା କଏଦ ହେଉଥିଲେ ତାଙ୍କୁ ହଜୁର ସ.ଅ ଅନେକ ସୁବିଧା ସୁଯୋଗ ପ୍ରଦାନ କରୁଥିଲେ । ଫଳତଃ ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ ପାଲଟି ଗଲେ । ହଜୁର ସ.ଅ ଯୁଦ୍ଧର ନିୟମ ପ୍ରଣୟନ କରିଥିଲେ ଏବଂ କରିଥିବା ସନ୍ଧିର ଅକ୍ଷେର ଅକ୍ଷରେ ପାଳନ କରିଥିଲେ । ତାହାର ସାମାନ୍ୟତମ ଖିଲାଫ ଆପଣ ସ.ଅ କରି ନଥିଲେ । ଆଜିକାଲିର ନେତା ଓ ପ୍ରଶାସକଙ୍କ ପରି ନୁହେଁ କି ଅଗଣିତ ନୀତିନିୟମ ପ୍ରଣୟନ କରିଦେବା କିନ୍ତୁ କୌଣସି ଗୋଟିକରେ କାର୍ଯ୍ୟକାରୀ କରିବା ନାହିଁ ବରଂ ଦ୍ୱିମୁଖା ନୀତି ଅବଲମ୍ବନ କରିବା ।

ହଜରତ ମୁହମ୍ମଦ ସ.ଅଙ୍କ ଜୀବନ ପବିତ୍ର କୁରଆନର (ଅବିକଳ) ବ୍ୟବହାରିକ ଚିତ୍ରପଟ ଥିଲା । ଯେଉଁସ୍ଥଳେ ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠାର ଭିତ୍ତିଭୂମି ବର୍ଣ୍ଣିତ ରହିଛି । ଯେପରିକି ଅଲ୍ଲାଃତାଲା କୁହନ୍ତି; ୟାଅୟୁହଲ୍ ଲଜିନା ଆମନୁ କୁନୁ କଓ୍ୱାମିନା ଲିଲ୍ଲାହି ଶୁହଦାଆ ବିଲ୍ କିସ୍ତି ଓଲା ୟଜ୍‌ରି ମନ୍ନକୁମ୍ ଶନାଆନୁ କୌମିନ୍ ଅଲା ଅଲ୍ଲା ତାଦିଲୁ ଇଦିଲୁ ହୁଓଆକ୍‌ରବୁ ଲିତ୍‌ତକ୍‌ଓା ଓତ୍‌ତକୁଲ୍ଲାଃ ଇନ୍ନଲ୍ଲାହା ଖବିରୁମ୍ ବିମା ତାମଲୁନ୍ ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରୁହ ଏବଂ କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ

ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ । ତୁମମାନେ ନ୍ୟାୟ ପରବେଶ ହୋଇଯାଅ । କାରଣ ତାହା ଧର୍ମପରାୟଣତାର ଅତି ନିକଟବର୍ତ୍ତୀ ଏବଂ ଅଲ୍ଲାଃଙ୍କୁ ଭୟ କର । ତୁମେମାନେ ଯାହା କରୁଅଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି । ସୁତରାଂ ଆପଣ ସ.ଅଙ୍କର ଆଚରଣ ସେହି ମହାନ ଶିକ୍ଷା ଅନ୍ତର୍ଗତ ପ୍ରତ୍ୟେକ କ୍ଷେତ୍ରରେ ପରିବ୍ୟାପ୍ତ ।

ଆଜି ମୁଁ ଓ୍ୱହଦ୍ ଯୁଦ୍ଧ ସଂକ୍ରାନ୍ତରେ କିଛି ଘଟଣା ଚର୍ଚ୍ଚା କରିବି । ଯେପରିକି ଘଟଣାବଳୀ ପ୍ରମାଣିତ କରୁଅଛି ଯେ, ଉକ୍ତ ଯୁଦ୍ଧ ମଧ୍ୟ ଶତ୍ରୁ ନିଜ ଶତ୍ରୁତାର ଅଗ୍ନିକୁ ପଶମିତ କରିବା ସକାଶେ ଆରମ୍ଭ କରିଥିଲା ଏବଂ ମୁସଲମାନମାନଙ୍କୁ ବାଧ୍ୟତାମୂଳକ ଏହି ଯୁଦ୍ଧ ପାଇଁ ବାହାରିବାକୁ ପଡ଼ିଥିଲା । ଉକ୍ତ ଯୁଦ୍ଧ ବଦର୍ ଯୁଦ୍ଧର ଏକ ବର୍ଷ ପରେ ଅର୍ଥାତ ୩ହିଜ୍‌ରୀ ଶଓ୍ୱାଲ୍ ମାସର ଶନିବାର ଦିନ ଘଟିଥିଲା । ଇତିହାସବିତ୍ ଓ ଜୀବନୀ ଲେଖାଳିମାନେ ଏଥିରେ ଏକମତ ଯେ, ଓ୍ୱହଦ୍ ଯୁଦ୍ଧ ୩ହିଜ୍‌ରୀରେ ଘଟିଥିଲା । ଅଥଚ ଗୋଟିଏ ବର୍ଣ୍ଣନାରେ ତାହା ୪ହିଜ୍‌ରୀରେ ଘଟିଥିବାର ଉଲ୍ଲେଖ ରହିଛି । ହଜରତ ମୁହମ୍ମଦସ.ଅ ଓ୍ୱହଦ୍ ଯୁଦ୍ଧ ନିମନ୍ତେ ମଦିନାରୁ ଶୁକ୍ରବାର ଦିନ ଅସର ନମାଜ ପାଠ କରି ବାହାରି ଥିଲେ ଏବଂ ଶନିବାର ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଓ୍ୱହଦ୍‌ର ରଣକ୍ଷେତ୍ରରେ ପହଞ୍ଚି ଯାଇଥିଲେ । ପୁସ୍ତକ "ସିରତ୍ ଖାତମୁନ୍ ନବୀଇନ୍"ରେ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ଓ୍ୱହଦ୍ ଯୁଦ୍ଧର ତାରିଖ ୬୨୪ମସିହା ମାର୍ଚ୍ଚ ମାସ ଅର୍ଥାତ ୩ହିଜ୍‌ରୀର ଶଓ୍ୱାଲ୍ ମାସ ଶନିବାର ଦିନ ଘଟିଥିବା ଦର୍ଶାଇଛନ୍ତି ।

ଉକ୍ତ ଯୁଦ୍ଧର ମୂଖ୍ୟ କାରଣ ଏହା ଥିଲା କି ବଦର ଯୁଦ୍ଧରେ ଯେତେବେଳେ ଅମାନ୍ୟକାରୀଙ୍କୁ ଅତି ଶୋଚନୀୟ ପରାସ୍ତ ହେଲା ସେତେବେଳେ କୁରୈଶର କୁଟିଳ ପ୍ରବୃତ୍ତି ଲୋକମାନେ ଯେପରି– ଅବଦୁଲ୍ଲାଃ ବିନ୍ ଅବି ରବିୟା, ଅକ୍‌ରମା ବିନ୍ ଅବୁ ଜହଲ୍, ସଫଓାନ୍ ବିନ୍ ଉମୈୟା ଏବଂ ଅନ୍ୟାନ୍ୟ କେତେକ ଖଳସ୍ୱଭାବୀ ଅବୁ ସୁଫୟାନ୍ ନିକଟକୁ ଗଲେ ଯେଉଁମାନେ ବ୍ୟବସାୟୀ ଦଳରେ ନିଜ ଅର୍ଥ ନିୟୋଗ କରିଥିଲେ, ଯାହାକି ବଦର୍ ଯୁଦ୍ଧର ମୂଖ୍ୟ କାରଣ ଥିଲା । ସେହି ଅର୍ଥ ମକ୍କାରୁ ଆଣି ଦାରୁଲ୍ ନଦ୍‌ଓା ଠାରେ ରଖା ଯାଇଥିଲା । ସେମାନେ ଅବୁ ସୁଫୟାନ୍‌କୁ କହିଲେ; ମୁହମ୍ମଦସ.ଅ ଆମ ଲୋକମାନଙ୍କୁ ହତ୍ୟା କରି ଦେଇଛନ୍ତି । ତେଣୁ ଏହି ବ୍ୟବସାୟରେ ଉପାର୍ଜିତ ଅର୍ଥକୁ ତାଙ୍କ ସର୍ବନାଶ ଅର୍ଥାତ ତାଙ୍କ ସହିତ ଯୁଦ୍ଧ ପ୍ରସ୍ତୁତିରେ ବିନିଯୋଗ କର । ସମ୍ଭବତଃ ଏପରି ଆମେ ନିଜ ନିହତ ପରିଜନଙ୍କ ପ୍ରତିଶୋଧ ନେଇ ପାରିବା । ଅଧିକନ୍ତୁ ସେମାନେ କହିଲେ, ଆମେ ସ୍ୱଇଚ୍ଛା ଓ ଖୁସିମନର ସହିତ ଏଥିପାଇଁ ପ୍ରସ୍ତୁତ ଅଛୁ ଯେ, ଉକ୍ତ ବ୍ୟବସାୟରୁ ଉପାର୍ଜିତ ଲାଭ ଦ୍ୱାରା ଏକ ସେନା ପ୍ରସ୍ତୁତ କରାଯାଉଛି । ଏପରି ସେମାନଙ୍କ ପ୍ରସ୍ତାବ ଅନୁମୋଦିତ ହେଲା । ଅତଏବ ଉକ୍ତ ଲାଭାଂଶ ଅର୍ଥାତ ୨୫ହଜାର (ଦିନାର) ପୃଥକ କରି ବାକି ମୂଳଧନ ସେମାନଙ୍କ ମାଲିକମାନଙ୍କୁ ଫେରସ୍ତ କରି ଦିଆଗଲା ।

ଏହି ସାଧାରଣ ହେତୁ ବ୍ୟତୀତ ଆଉ କିଛି କାରଣକୁ କେନ୍ଦ୍ର କରି ଉକ୍ତ ଯୁଦ୍ଧ ଘଟିଥିବାର ମଧ୍ୟ କୁହା ଯାଇଥାଏ । ଯେପରିକି ବଦର୍ ଯୁଦ୍ଧ ପରେ କୁରୈଶମାନଙ୍କର (ବ୍ୟବସାୟ କରିବାକୁ) ସିରିୟା ଯିବା ଅସମ୍ଭବ ହୋଇଯାଇଥିଲା । କାରଣ ମକ୍କାର ବ୍ୟବସାୟୀ ଦଳ ମଦିନାର ପାର୍ଶ୍ୱବର୍ତ୍ତୀ ମାର୍ଗରେ ଅତିକ୍ରମ (ଯାତ୍ରା) କରୁଥିଲେ ଏବଂ କୁରୈଶ ମୁସଲମାନମାନଙ୍କ ଉପରେ କରିଥିବା ନିଜ ପୂର୍ବ ଅନ୍ୟାୟ ଅତ୍ୟାଚାର ଯୋଗୁଁ ସେହି ମାର୍ଗରେ ଅତିକ୍ରମ କରିବା ସେମାନଙ୍କ ପାଇଁ ସୁରକ୍ଷିତ ନଥିଲା । ଯୁଦ୍ଧ ଓ ସରିୟାରେ ପରାଜୟ, ବଦର୍ ଯୁଦ୍ଧରେ କୁରୈଶର ସରଦାରମାନଙ୍କ ହତ୍ୟା ଏବଂ ମୁସଲମାନମାନଙ୍କ ଦ୍ୱାରା ୭୦ଜଣ ଅମାନ୍ୟକାରୀଙ୍କର ବନ୍ଦୀ ହେବା ଆଦି ପ୍ରସଙ୍ଗ ସେମାନଙ୍କ ପ୍ରତିଷ୍ଠା ଓ ଗରିମାକୁ ଲଜ୍ଜିତ ତଥା ଅପନିନ୍ଦିତ କରୁଥିଲା । ସେମାନେ ପ୍ରତିଶୋଧ ନେବାକୁ ଅଥୟ ହେଉଥିଲେ ଯଦ୍ୱାରା ସେମାନେ ନିଜର ମର୍ଯ୍ୟାଦା ଫେରି ପାଇବେ । ଆଉ ଜଣେ ନ୍ୟାୟବନ୍ତ ଏହି କାରଣ ମଧ୍ୟ ଦର୍ଶାଇଛନ୍ତି ଯେ, କୁରୈଶ କେତେକ ଅଭିଯାନରେ ନିଷ୍ଫଳ ହେବା ଯୋଗୁଁ ସେମାନଙ୍କ ମଧ୍ୟରେ ଦୁଃଖଯନ୍ତ୍ରଣା ତଥା ପ୍ରତିଶୋଧ ନେବାର

ଭାବନା ଚରମ ସୀମାରେ ପହଞ୍ଚି ଯାଇଥିଲା । ସେ ଯାହା ହେଉ ଆହୁରି ଅନେକ କାରଣ ରହିଥିଲା ଯେଉଁଥିପାଇଁ କୁରୈଶ (ନିଜର) ଯୁଦ୍ଧ ପ୍ରସ୍ତୁତି ଜାରି ରଖିଥିଲେ । ଏଥି ସହିତ ନିଜ ଆଖପାଖର କବିଲାମାନଙ୍କୁ ନିଜ ସହିତ ସମ୍ମିଳିତ କରିବା ପାଇଁ କାହାରିକୁ ଲୋଭ ତ କାହାରିକୁ ଉତ୍ତେଜିତ ଓ ଆଉ କାହାକୁ ସାହସ ଦେଉଥିଲେ । **ଏପରି ଚତୁରତା ଅବଲମ୍ବନ କରି ସେମାନେ ତାଙ୍କୁ ନିଜ ସହ ସାମିଲ କରି ନେଇଥିଲେ ।**

ହଜରତ ଅବ୍ବାସ ର.ଅଙ୍କ ଦ୍ୱାରା ଲିଖିତ ଏକ ପତ୍ର ମାଧ୍ୟମରେ ହଜୁର ସ.ଅଙ୍କୁ ଅମାନ୍ୟକାରୀଙ୍କର ଉକ୍ତ ଗତିବିଧି ସଂକ୍ରାନ୍ତରେ ସୂଚନା ମିଳିଥିଲା । ଅନ୍ୟ ପାର୍ଶ୍ୱରେ ୟହୁଦି ଓ କପଟବିଶ୍ୱାସୀମାନେ ଏହା ପ୍ରଘଟ କରିଦେଲେ ଯେ, ହଜୁର ସ.ଅଙ୍କୁ ତାଙ୍କ ଶତ୍ରୁ ପକ୍ଷରୁ କୌଣସି ସୁସମାଚାର ହସ୍ତଗତ ହୋଇ ନାହିଁ । ଏପରି ସେମାନେ ଉକ୍ତ ଖବରକୁ ଆହୁରି ବିଗାଡ଼ି (ରୂପାନ୍ତରିତ କରି) ଖୁବ୍ ପ୍ରଚାର ପ୍ରସାର କଲେ ଯଦ୍ୱାରା ମୁସଲମାନମାନେ ଭୟଭୀତ ହୋଇଯିବେ । ଏତଦ୍ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସତର୍କ ହୋଇଗଲେ ଏବଂ ଏପରି ପରିବେଶ ଅତି ଜଟିଳ ହୋଇଯାଇଥିଲା ଯେ, ମକ୍କାବାସୀ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବାକୁ ଆସୁଛନ୍ତି । ୩ହିଜ୍ରୀ ରମଜାନ ମାସର ଶେଷ ପର୍ଯ୍ୟାୟ ଅଥବା ଶୱାଲ୍ ମାସର ପ୍ରାରମ୍ଭରେ କୁରୈଶର ଅମାନ୍ୟକାରୀମାନେ ମକ୍କାରୁ ବାହାରିଥିଲେ ଏବଂ ସେମାନଙ୍କ ସଂଖ୍ୟା ତିନି ହଜାର ଥିଲା । ଯେଉଁଥିରେ ୭୦୦ସିପାହୀ, ୨୦୦ଘୋଡ଼ା ଓ ତିନି ହଜାର ଓଟ ରହିଥିଲେ । ଏଥିସହିତ ୧୫ଜଣ ମହିଳା ମଧ୍ୟ ସାମିଲ ଥିଲେ ଯେଉଁମାନଙ୍କ ମଧ୍ୟରେ ଅବୁ ସୁଫୟାନ୍, ଅକ୍‌ରମା ବିନ୍ ଅବୁ ଜହଲ୍, ସଫଓାନ୍ ବିନ୍ ଉମୈୟା, ଖାଲିଦ୍ ବିନ୍ ଓଲିଦ୍ ଏବଂ ଉମରୋ ବିନ୍ ଆସ୍ ଆଦିଙ୍କର ପତ୍ନୀମାନେ ରହିଥିଲେ ।

ହଜରତ ଅବ୍ବାସର.ଅ କୁରୈଶର ଅମାନ୍ୟକାରୀ ଦଳ ସମ୍ବନ୍ଧରେ ହଜରତ ମୁହମ୍ମଦ ସ.ଅଙ୍କୁ ଗୁପ୍ତସୂଚନା ପ୍ରେରଣ କରିଥିଲେ ଏବଂ ଅମାନ୍ୟକାରୀଙ୍କର ମକ୍କାରୁ ପ୍ରସ୍ଥାନ କରିବା ଖବର ଉମରୋ ବିନ୍ ସାଲିମ୍ ର.ଅଙ୍କୁ ଦେଇ ହଜୁର ସ.ଅଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହି ଖବର ଯେତେବେଳେ ଅବୁ ସୁଫୟାନ୍‌କୁ ମିଳିଲା ସେତେବେଳେ ସେ ସ୍ତବ୍ଧ ରହିଗଲା । ସଫଓାନ୍ ବିନ୍ ଉମୈୟା ତାହାକୁ ଆଶ୍ୱାସନା ଦେଇ କହିଲା ଯେ, ଆମ ସୈନିକଙ୍କ ସଂଖ୍ୟା ଓ ଯୁଦ୍ଧ ସାମଗ୍ରୀ ବେଶ ଅଧିକ ରହିଛି ଏବଂ ଆମେ ମୁସଲମାନମାନଙ୍କ ଜୀବନ ଓ ଧନସମ୍ପତ୍ତିକୁ କ୍ଷତିଗ୍ରସ୍ତ କରିବା ପାଇଁ ପୂର୍ଣ୍ଣ ରୂପେ ସାମର୍ଥ୍ୟବାନ । ଯେତେବେଳେ କି ମୁସଲମାନମାନେ ଆମକୁ ପତିତ କରିବାର ଦକ୍ଷତା ରଖୁ ନାହାନ୍ତି ।

ଅବୁ ସୁଫୟାନ୍‌ର ପତ୍ନୀ କହିଲା, ତୁମେମାନେ ମୁହମ୍ମଦ ସ.ଅଙ୍କ ମାତାଙ୍କ କବର ତାଡ଼ି ଦିଅ ଏବଂ ପ୍ରତ୍ୟେକ ବ୍ୟକ୍ତିର ଫିଦୟାରେ ତାଙ୍କ ମାତାଙ୍କର ଗୋଟିଏ ଗୋଟିଏ ଅଙ୍ଗ ଦେଇଦେବ । ଏହି ପ୍ରସ୍ତାବରେ କୁରୈଶମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଲା କି କ'ଣ ଏବେ ଆମେ ମୃତକମାନଙ୍କ କବର ଖୋଳିବା । ଉକ୍ତ ସେନାରେ ଥିବା ମହିଳାମାନେ ପ୍ରତିଶୋଧର ଅଗ୍ନି ପ୍ରଜ୍ୱଳିତ କରି ସୈନିକମାନଙ୍କୁ ଉତ୍ତେଜିତ କରୁଥିଲେ । ଏପରି ଉକ୍ତ ସେନାଦଳଟି ଆଗକୁ ଅଗ୍ରସର ହୋଇଚାଲି ଥିଲା । ଅପରପାର୍ଶ୍ୱରେ ମୁସଲମାନମାନେ ମଧ୍ୟ ନିଜ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ପୁସ୍ତକ "ସିରତ୍ ଖାତମୁନ୍ ନବୀଇନ୍"ରେ ଉଲ୍ଲେଖ ରହିଛି, ହଜରତ ମୁହମ୍ମଦସ.ଅ ଦୁଇଜଣ ସାହାବୀଙ୍କୁ କୁରୈଶ ସେନାର ଗତିବିଧି ସଂକ୍ରାନ୍ତରେ ଖବର ଆଣିବା ପାଇଁ ପ୍ରେରଣ କଲେ । ଏହି ଅବସରରେ ଆପଣସ.ଅ ମୁସଲମାନମାନଙ୍କ ସଂଖ୍ୟା ଓ ସାମର୍ଥ୍ୟ ଦେଖିବା ନିମନ୍ତେ ମଦିନାର (ମୁସଲମାନମାନଙ୍କର) ଜନଗଣନା କରାଇଲେ । ସେତେବେଳେ ଜଣା ପଡ଼ିଲା ଯେ, ମୁସଲମାନମାନଙ୍କ ସମୁଦାୟ ସଂଖ୍ୟା ୧୫୦୦ ଅଟେ । **ଅତଏବ ସେହି ସମୟର ଅବସ୍ଥା ଅନ୍ତର୍ଗତ ଉକ୍ତ ସଂଖ୍ୟାକୁ ବେଶ ଅଧିକ ମଣା ଯାଇଥିଲା ।** କେତେକ ସାହାବା ତ ଆନନ୍ଦରେ ନାଚି ଉଠିଲେ ଓ ବ୍ୟଗ୍ରତାରେ କହିଦେଲେ କି ଏବେ ଆମକୁ କାହାର ବା ଡ଼ର ?

ଓ୍ୱହଦ୍ ଯୁଦ୍ଧର ରଣନୀତି ପ୍ରସ୍ତୁତି ପାଇଁ ଯେତେବେଳେ ମୁସଲମାନମାନେ ପରାମର୍ଶ ବୈଠକରେ ଏକତ୍ରିତ ହେଲେ ସେତେବେଳେ ହଜୁର[ସ.ଅ] କହିଲେ; ମୁଁ ରାତ୍ରିରେ ଏକ ସ୍ୱପ୍ନ ଦେଖିଲି ଯେ, ଗୋଟିଏ ଗାଇ ଜେବହ କରାଯାଉଛି ଏବଂ ମୋ ଖଣ୍ଡା ଅର୍ଥାତ ଜୁଲ୍ ଫୁକାର୍ ଅଦାଢୁଆ ହୋଇଯାଉଛି । ଆଉ କେତେକ ବର୍ଣ୍ଣନାରେ ଖଣ୍ଡାର ମୁଠା ଭାଙ୍ଗି ଯିବା ଏବଂ ସେଥିରେ ଫାଟ ପଡ଼ିବାର ଉଲ୍ଲେଖ ମିଳୁଛି । ସେଥିଅନ୍ତେ ମୁଁ ଦେଖୁଅଛି ଯେ, ମୁଁ ଏକ ମଜବୁତ୍ କବଚରେ ନିଜ ହସ୍ତ ପ୍ରବେଶ କରୁଛି । ଆଉ ଏକ ବର୍ଣ୍ଣନାରେ ହଜୁର[ସ.ଅ] ଏକ ମଜବୁତ୍ କବଚ ପରିଧାନ କରିବାର ଚର୍ଚ୍ଚା ରହିଛି ଏବଂ ଆପଣ ଏକ ମେଷ ଉପରେ ଆରୋହଣ କରିଛନ୍ତି । ଉକ୍ତ ସ୍ୱପ୍ନର ହଜୁର[ସ.ଅ] ଏହି ତାତ୍ପର୍ଯ୍ୟ ଉଦ୍ଧୃତ କଲେ ଯେ, ଯେପର୍ଯ୍ୟନ୍ତ ଗାଇର ସମ୍ପର୍କ ରହିଛି ତେବେ ଏହା ଏଥିପ୍ରତି ଇଙ୍ଗିତ କରୁଅଛି କି ମୋର କିଛି ସହାବା ଶହିଦ୍ ହେବେ । ଆଉ ମୋ ଖଣ୍ଡାର ମୁଠା ଭାଙ୍ଗି ଯିବା ଅର୍ଥ ମୋ ପରିବାରବର୍ଗ ଅଥବା ବଶଂଜ ମଧ୍ୟରୁ କେହି ନିହତ ହେବେ । ଆଉ ମଜବୁତ୍ କବଚର ଯଥାର୍ଥ ମୁଁ ମଦିନା ମନେକରୁଛି । ଶେଷରେ ମେଷ ଏଥିପ୍ରତି ଇଙ୍ଗିତ କରୁଛି ଯେ, ମୁଁ ଶତ୍ରୁମାନଙ୍କ ସମର୍ଥକମାନଙ୍କୁ ବଧ କରିଦେବି । ସେ ଯାହା ହେଉ ଏହି ପ୍ରସଙ୍ଗରେ ହଜୁର[ସ.ଅ] ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଏବଂ କହିଲେ, ଯଦି ତୁମେ ପସନ୍ଦ କର ତେବେ ଆମେ ମଦିନାରେ ରହି ଶତ୍ରୁର ମୁକାବିଲା କରିବା । ଆଉ ମହିଳା ଓ ପିଲାମାନଙ୍କୁ ଦୁର୍ଗରେ ପହଞ୍ଚାଇ ଦେବା । ସେତେବେଳେ ମଦିନା ଏକ ଦୁର୍ଗ ସଦୃଶ ଥିଲା । ହଜରତ ମୁହମ୍ମଦ[ସ.ଅ] ଏ ଯେଉଁ ରାଏ ଦେଇଥିଲେ ତାହା ବରିଷ୍ଠ, ଅଭିଜ୍ଞ ପ୍ରବାସକାରୀ ଓ ଅନ୍‌ସାରମାନଙ୍କର ରାଏ ଥିଲା । କିନ୍ତୁ ମୁସଲମାନମାନଙ୍କ ଯୁବଗୋଷ୍ଠୀର ଏକ ଦଳ ଯେ ବଦର ଯୁଦ୍ଧରେ ସାମିଲ ହୋଇ ନଥିଲେ, ଧର୍ମ ମାର୍ଗରେ ନିଜ ପ୍ରାଣର ଆହୁତି ଦେବା ପାଇଁ ବ୍ୟାକୁଳ ଥିଲେ ସେମାନେ ଜିଦ୍ ଧରିଲେ ଯେ, ଆପଣ ଆମକୁ ମଦିନା ବାହାରକୁ ନେଇ ଚାଲନ୍ତୁ ଯଦ୍ୱାରା ଶତ୍ରୁ ଆମକୁ ଭୀରୁ ଓ କାପୁରୁଷ ନମଣୁ ।

ବସ୍ତୁତଃ ହଜୁର[ସ.ଅ] ଯୁବଗୋଷ୍ଠୀଙ୍କ ପ୍ରସ୍ତାବ ସ୍ୱୀକାର କରିନେଲେ ଏବଂ ନିଷ୍ପତ୍ତି ଦେଲେ ଯେ, ଆମେ ଖୋଲା ପଡ଼ିଆରେ ଅମାନ୍ୟକାରୀଙ୍କ ମୁକାବିଲା କରିବା । ଅତଏବ ଜୁମା ନମାଜ ପରେ ଆପଣ[ସ.ଅ] ସର୍ବସମ୍ମୁଖରେ ଘୋଷଣା କରିଦେଲେ କି ଅଲ୍ଲାଃଙ୍କ ମାର୍ଗରେ ଯୁଦ୍ଧ କରିବା ନିମନ୍ତେ ଯୋଗ ଦେଇ ପୁଣ୍ୟ ଅର୍ଜନ କରିବାକୁ ବାହାରି ଆସ । ବାକି ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି । ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଫିଲିସ୍ତିନ ବାସୀଙ୍କ ନିମନ୍ତେ ଦୁଆ କରିବାର ଆହ୍ୱାନ ଦେଲେ । ଅଧିକନ୍ତୁ କହିଲେ; ଏବେ ଯୁଦ୍ଧ ବିରତି ଶେଷ ହେବା ପରେ ପୁନଶ୍ଚ ଗୋଳାବାରୁଦ ବର୍ଷା ହେବ ଏବଂ ନିରୀହ ଲୋକ ଶହିଦ୍ ହେବେ । ଆଉ କେତେ ଅତ୍ୟାଚାର ହେବ ପ୍ରଭୁ ହିଁ ଜାଣନ୍ତି । ସେମାନଙ୍କ ଭବିଷ୍ୟତ ପ୍ରସଙ୍ଗରେ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ଉଦ୍ଦେଶ୍ୟ ଅତି ଭୟଙ୍କର ଅଟେ । ତେଣୁ ଆମମାନଙ୍କୁ ବହୁତ ଦୁଆ କରିବାର ଆବଶ୍ୟକତା ରହିଛି ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।